**ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ**

ବିଶୋଇ, (ଡି.ଏନ. ଏ): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥରୁ ପୋଲିସ ଗୋରୁ ବୋଝେଇ ଏକ ପିକ୍ଅପ୍ ଭ୍ୟାନ୍ ଜବତ କରିଛି। ଭ୍ୟାନ୍ ଚାଳକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ମାଣିକଗଡା ଗ୍ରାମର ଅବଦୁଲ ସରିଫଉଦିନ ଖାନ। ୧୨ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ପିକ୍ଅପ୍‌ଟି କେନ୍ଦୁଝରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ଖବର ପାଇ ବିଶୋଇ ଥାନାଧିକାରୀ ଫଣିନ୍ଦ୍ର ଭୂଷଣ ନାଏକଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ବିନାୟକ ବେହେରାଙ୍କ ନେତୃତ୍ୱରେ ଡାକଚଟିଠାରେ ରାତ୍ରିକାଳୀନ ଯାଞ୍ଚ କରି ଭ୍ୟାନ୍‌କୁ ଅଟକ ରଖାଯାଇଥିଲା।

# ବିଏଡ୍ ପାଠ୍ୟକ୍ରମ ନାଁରେ ଜାଲିଆତି

**ବାଲେଶ୍ୱର ଅଫିସ, ୧୧।୧୨**

ବାଲେଶ୍ୱର ସହର ପଞ୍ଚୁଆଁପଦାସ୍ଥିତ ସିଆଇଏମ୍ଆଇଟି ଅନୁଷ୍ଠାନ ବିଏଡ୍ ପାଠ୍ୟକ୍ରମ ନାଁରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ଶୋଷଣ କରୁଥିବା ଶନିବାର ସହଦେବଖୁଣ୍ଟା ମଡ଼େଲ ଥାନାରେ ଲିଖିତ ଅଭିଯୋଗ ହୋଇଛି। ନୀଳଗିରି ଅଞ୍ଚଳର ଦୁଇଜଣ ଛାତ୍ରୀ ଏଭଳି ଅଭିଯୋଗ ଆଣିଛନ୍ତି।

ଅଭିଯୋଗ ଅନୁଯାୟୀ ଗ୍ରାଜୁଏଶନ ପରେ ବିଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସିଆଇଏମ୍ଆଇଟି ଅନୁଷ୍ଠାନ ମୁଖ୍ୟ ସତ୍ୟଜିତ ରାୟଙ୍କ ସହ ଯୋଗାଯୋଗ କରିଥିଲେ। ରାୟ ସେମାନଙ୍କୁ ଆନ୍ଧ୍ରପ୍ରଦେଶ ରାଜ୍ୟ ନାଗାର୍ଜୁନନଗରସ୍ଥିତ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ଶିରିଡ଼ି ସାଇ କଲେଜ ଅଫ୍ ଏଜୁକେଶନ୍, ମାର୍କପୁର, ପ୍ରକାସମରେ ନାମ ଲେଖାଇ ଦେବାର ପ୍ରତିଶ୍ରୁତି ଦେଇ ବିଏଡ୍ ପାଠ୍ୟକ୍ରମର ମୋଟ୍ ୪ଟି ସେମିଷ୍ଟର ପାଇଁ ୬୫ହଜାର ଟଙ୍କା ନେବାକୁ ଚୁକ୍ତି କରିଥିଲେ। ଏଥିରେ ଉକ୍ତ ଦୁଇ ଛାତ୍ରୀଙ୍କ ଅଭିଭାବକ ସହମତି ପ୍ରକାଶ କରିଥିଲେ। ନାମଲେଖାଠାରୁ ଆରମ୍ଭ କରି ପ୍ରଥମ ସେମିଷ୍ଟର ପରୀକ୍ଷା ପର୍ଯ୍ୟନ୍ତ ପ୍ରାୟ ୨୫ହଜାର ଟଙ୍କା ଲେଖାଏଁ ପୈଠ କରିଥିଲେ। ପ୍ରଥମ ସେମିଷ୍ଟର ପରୀକ୍ଷା ଦେବା ପାଇଁ ଗତ ସେପ୍ଟେମ୍ବର ୯ ତାରିଖ ଦୁଇ ଛାତ୍ରୀଙ୍କ ସହ ୧୩ଜଣ ଛାତ୍ରୀଛାତ୍ରଙ୍କୁ ନେଇ ରାୟ ଆନ୍ଧ୍ରପ୍ରଦେଶ ଯାଇଥିଲେ। ସେଠାରେ ସେମାନଙ୍କୁ

### ନକଲି ଆଡ଼ମିଟ୍ କାର୍ଡ଼ ପାଇ ପରୀକ୍ଷାରୁ ବଞ୍ଚିତ

ବିଶ୍ୱବିଦ୍ୟାଳୟ ବୁଲାଇବା ସହ ପରୀକ୍ଷା କେନ୍ଦ୍ର ଏସ୍‌ଭିକେପି ଆର୍ଟସ ଆଣ୍ଡ ସାଇନ୍ସ କଲେଜ, ମାର୍କପୁର, ପ୍ରକାସମ ଦେଖାଇ ପଳାଇ ଆସିଥିଲେ। ଗତ ସେପ୍ଟେମ୍ବର ୧୭ ତାରିଖରେ ପରୀକ୍ଷା ଦେବା ପାଇଁ ରାୟ ପ୍ରଦାନ କରିଥିବା ଆଡମିଟ୍ କାର୍ଡ଼ ନେଇ ସମସ୍ତ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ମାତ୍ର ସେଠିକାର ପରୀକ୍ଷା ନିରୀକ୍ଷକ ଉକ୍ତ ଆଡମିଟ୍ କାର୍ଡ଼ ନକଲି ବୋଲି କହି ପରୀକ୍ଷାରୁ ବଞ୍ଚିତ କରିବା ସହ ସ୍ଥାନୀୟ ପୋଲିସଙ୍କ ଦ୍ୱାରା ଗେଟ୍ ବାହାରକୁବାହାର କରିଦେଇଥିଲେ। ପରେ ଛାତ୍ରୀଛାତ୍ର ନିଜର ଅଭିଭାବକଙ୍କୁ ଫୋନ୍ ଯୋଗେ ଏ ବାବଦରେ ଜଣାଇଥିଲେ। ଅଭିଭାବକମାନେ ରାୟଙ୍କୁ ବହୁ କଷ୍ଟରେ ଯୋଗାଯୋଗ କରିବା ପରେ ସେ ଗତ ସେପ୍ଟେମ୍ବର ୨୪ ତାରିଖରେ ଆନ୍ଧ୍ରରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବାଲେଶ୍ୱର ଫେରାଇ ଆଣିଥିଲେ। ପରେ ଅନ୍ୟ ସମୟରେ ସ୍ୱତନ୍ତ୍ର ପରୀକ୍ଷା ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟ ହୋଇ ନ ଥିଲା। ବାରମ୍ବାର ମିଥ୍ୟା ପ୍ରତିଶ୍ରୁତିରେ ଛାତ୍ରୀଛାତ୍ର ସମ୍ମୁଖୀନ ହେବା ସହ ନିଜର ସମସ୍ତ ମୂଳ ପ୍ରମାଣପତ୍ର (ମାଟ୍ରିକ୍, ଯୁକ୍ତ ୨ ଓ ଯୁକ୍ତ ୩) ଫେରସ୍ତ ମାଗିବା ବେଳକୁ ଦେଉନାହାନ୍ତି। ଅପରପକ୍ଷରେ ଅଧିକ ୪୦ହଜାର ଟଙ୍କା ଦାବି କରୁଛନ୍ତି। ଏହିପରି ଅନ୍ୟ ଛାତ୍ରୀଛାତ୍ର ମଧ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଛନ୍ତି।

ଏନେଇ ସିଆଇଏମ୍ଆଇଟି ଅନୁଷ୍ଠାନର ମୁଖ୍ୟ ରାୟଙ୍କୁ ଫୋନ୍ (ନଂ. ୭୭୮୭୮୧୬୫୨୬) ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ କୌଣସି ଉତ୍ତର ଦେଇ ନ ଥିଲେ। ସହଦେବଖୁଣ୍ଟା ମଡ଼େଲ ଥାନା ଏଏସ୍ଆଇ ଯୁକେ ଭୂୟାଁ କହିଛନ୍ତି, ଅଭିଯୋଗ ମିଳିଛି। ସିଆଇଏମ୍ଆଇଟି ଅନୁଷ୍ଠାନର ମୁଖ୍ୟ ଅଭିଯୋଗକାରୀ ଛାତ୍ରୀମାନଙ୍କୁ ଆଡମିଟ୍ କାର୍ଡ଼ ପ୍ରଦାନ କରିଥିଲେ। ଉକ୍ତ ଆଡମିଟ୍ କାର୍ଡ଼ ଦେଖାଇ ସେମାନେ ପରୀକ୍ଷାରୁ ବଞ୍ଚିତ ହୋଇଥିଲେ। ଉଭୟପକ୍ଷଙ୍କୁ ଶନିବାର ସନ୍ଧ୍ୟାରେ ଥାନାକୁ ଡକାଯାଇ ତଦନ୍ତ ଜାରି ରହିଛି।

# କ୍ୟାମ୍ପ କୋର୍ଟରେ ୨୬ ମାମଲାର ଫଇସଲା



କ୍ୟାମ୍ପ କୋର୍ଟରେ ମାନବାଧିକାର ଆୟୋଗ ସଦସ୍ୟ ଅଶିମ୍ ଅମିତାଭ ଦାଶ, ଜିଲାପାଳ ତ୍ରିଲୋଚନ ମାଝି ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୧୧।୧୨**

ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଶନିବାର ରାଜ୍ୟ ମାନବାଧିକାର ଆୟୋଗ ପକ୍ଷରୁ କ୍ୟାମ୍ପକୋର୍ଟ ସଦସ୍ୟ ଅଶିମ୍ ଅମିତାଭ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତ୍ରିଲୋଚନ ମାଝି, ଏସ୍‌ପି ଚରଣ ସିଂ ମୀନା ପ୍ରମୁଖ ଯୋଗଦେଇ ନିର୍ଦ୍ଧାରିତ ମୋକଦ୍ଦମାଗୁଡ଼ିକର ବିଚାର କରିଥିଲେ। ସାମାଜିକ ବାଛନ୍ଦ, ପାରିବାରିକ ଅତ୍ୟାଚାର, ଜମି ଜବରଦଖଲ, ରାଶନ କାର୍ଡ ନ ମିଳିବା, ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ ଅଟକିବା, ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର ନ ହେବା, ଜବରଦଖଲ ଯୋଗୁ ଘରକୁ ରାସ୍ତା ବନ୍ଦ ହେବା ଏଭଳି ମୋଟ ୫୧ ମାମଲା ମଧ୍ୟରୁ ୨୬ଟିର ତତ୍କାଳ ଫଇସଲା କରାଯାଇଥିଲା। ଭଦ୍ରକ ଜିଲାରେ ପ୍ରଥମ କ୍ୟାମ୍ପକୋର୍ଟ ଆୟୋଜନ କରାଯାଇଛି ଏବଂ ଏହି ସଫଳତା ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଜିଲାଗୁଡ଼ିକରେ ଆୟୋଜନ ପାଇଁ ପ୍ରେରଣାଦାୟକ ହେବ ବୋଲି ସଦସ୍ୟ ଦାଶ କହିଥିଲେ। କ୍ୟାମ୍ପକୋର୍ଟ ଆୟୋଜନ ଫଳରେ ଲୋକେ ନ୍ୟାୟ ପାଇବା ପାଇଁ ଭୁବନେଶ୍ୱର ନ ଦୌଡ଼ି ନିଜ ଅଞ୍ଚଳରେ ଥାଇ ବିଚାର ପାଇପାରିବେ ବୋଲି ସେ କହିଥିଲେ।

# ଖୁଣ୍ଟା ଜଗୁଆର ଟିମ୍ ଚାମ୍ପିୟନ

**ଖୁଣ୍ଟା,୧୧।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଖୁଣ୍ଟା ପ୍ରିମିୟର ଲିଗ (କେପିଏଲ୍)ର ୭ମ ସଂସ୍କରଣ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚରେ ରଣଜିତ ଦାସଙ୍କ ଟୁଙ୍କି ଟାଇଗର ଦଳକୁ ହରାଇ ଅରବିନ୍ଦ ପ୍ରଧାନଙ୍କ ଖୁଣ୍ଟା ଜାଗୁଆର ଟିମ୍ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶିବନାଥ ସୋରେନ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ପ୍ରଦୋଷ ଦାଶ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ପ୍ରଣୟ ପ୍ରଧାନ ଏବଂ ମ୍ୟାନ ଅଫ୍ ଦି ସିରିଜ ଦୀପକ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଞ୍ଚାଇଜ୍ ଟିମ୍‌ର ମାଲିକ, ଆୟୋଜକ କେପିଏଲର ବିଶ୍ୱ ରଞ୍ଜନ ବାରିକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ହ୍ୟାଣ୍ଡବଲ ପଡ଼ିଆରେ ଜମୁଛି ପାଣି

**କେନ୍ଦୁଝର, ୧୧।୧୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟାଳୟରେ ପ୍ରାୟ ସାଢେ ତିନି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାଜ୍ୟର ପ୍ରଥମ ସେଣ୍ଟେଟିକ ହ୍ୟାଣ୍ଡବଲ ପଡିଆ ନିର୍ମାଣ ହୋଇଛି। ତେବେ ପଡ଼ିଆଟି ସମତଳ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ବିଭିନ୍ନ ସ୍ଥାନରେ ପାଣି ଜମୁଥିବାରୁ ଖରାପ ହେବା ସମ୍ଭାବନା ରହୁଛି। ଏହି ପଡ଼ିଆ ରକ୍ଷଣାବେକ୍ଷଣ ପାଇଁ ଯଦିଓ ଜଣେ କର୍ମଚାରୀ ନିୟୋଜିତ ଅଛନ୍ତି। ଏହା ଖୋଲା ପଡିଆ ହୋଇଥିବାରୁ ବର୍ଷା ଦିନରେ ପାଣି ଓ ଅନ୍ୟ ଦିନରେ ଧୂଳି ପଡ଼ିବା ସମ୍ଭାବନା ରହିଛି। ଏଣୁ ପଡ଼ିଆର ପୃଷ୍ଠ ଭାଗଟିକୁ ଠିକ ଭାବରେ ସମତଳ କରାଯାଇ ନ ଥିବାରୁ ବର୍ଷା ହେଲେ ବା ପାଣିରେ ଧୋଇ ସଫେଇ କଲେ ପାଣି ଜମି ରହିବ। ତେବେ ପାଣି ଜମି ରହିଲେ ପଡ଼ିଆର କୌଣସି କ୍ଷତି ହେବ ନାହିଁ ବୋଲି ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀ ମତବ୍ୟକ୍ତ କରିଛନ୍ତି।



# ପୁଣି ମାତିଲେ ଲୁଟେରା

**ଉଦଳା, ୧୧।୧୨ (ଡି.ଏନ.ଏ.)**

### ୨ ଦୋକାନରୁ ଲୁଟ୍

ମୟୂରଭଞ୍ଜ ଜିଲା ଉଦଳାରେ ପୁଣି ମାତିଲେ ଲୁଟେରା। କିଛିଦିନର ବ୍ୟବଧାନ ପରେ ପୁଣି ପୁରୁଣା ତରିକାରେ ଦୋକାନ ଘର ପଛପାଖ କବାଟ ଏବଂ କାନ୍ଥ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଉଦଳା ବଜାର ମଝିରେ ଥିବା ଦୁଇଟି ଦୋକାନରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଏକ ହୋଲ୍‌ସେଲ୍ ଦୋକାନ ପଛ ପାଖ କବାଟ ଭାଙ୍ଗି ଭିତରେ ପଶି ଡ୍ର ଭାଙ୍ଗି ୪ ହଜାର ଟଙ୍କା ସହ ସିସିଟିଭିର ହାର୍ଡଡିସ୍କ ନେଇଯାଇଛନ୍ତି। ସେହିପରି ଜଗଦୀଶ ଅଟାକଳ ଏବଂ ଗ୍ରସରୀ ଦୋକାନ ପଛ ପାଖ କାନ୍ଥ କଣା କରି କବାଟ ଭାଙ୍ଗି ଦୋକାନରେ ଥିବା ୪୫ ହଜାର ଟଙ୍କା ଲୁଟି ନେଇଥିବା ଦୋକାନୀ ଶନିବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଉଦଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି।

# ପ୍ରକଳ୍ପ ସ୍ଥାନରେ ଅଧୀକ୍ଷଣ ଯନ୍ତ୍ରୀ

**ଚମ୍ପୁଆ,୧୧।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଞ୍ଚଳରେ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ଗଭୀର ନଳକୂପ ଏବଂ ଉଠାଜଳସେଚନ ପ୍ରକଳ୍ପକୁ ଶନିବାର ଅଧକ୍ଷଣ ଯନ୍ତ୍ରୀ ସନ୍ତୋଷ ପ୍ରସାଦ ମିଶ୍ର ବୁଲିଦେଖିଛନ୍ତି। ଏହାସହିତ ଚାଷ ଲାଗି ଜଳ କିପରି ବ୍ୟବହାର କରୁଛନ୍ତି ସେ ନେଇ ଅଧୀକ୍ଷଣ ଯନ୍ତ୍ରୀ ମିଶ୍ର ବ୍ଲକର ଇଚିଣ୍ଡା ଠାରେ ଚାଷୀ ନଟବର ମହାନ୍ତ, ଶିବ ମହାନ୍ତ, ବିନୋଦ ପ୍ରଧାନ, ଚକ୍ରଧର ମହାନ୍ତ, କିଶୋର ମହାନ୍ତଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ନିର୍ବାହୀ ଯନ୍ତ୍ରୀ ସହଦେବ ସେଠି, ଚମ୍ପୁଆ ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜଳ ସେଚନ ଦ୍ୱାରା କରାଯାଇଥିବା ପନିପରିବା ଚାଷ ବୁଲାଇ ଦେଖାଇଥିଲେ।


ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ ପ୍ରସାଦ ମିଶ୍ର ଚାଷ କାମ ବୁଲି ଦେଖୁଛନ୍ତି।

# ୧ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଭାଇ ଗିରଫ

**ବାହାନଗା, ୧୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଫାଣ୍ଡି ଅଧୀନ ବାଲେଶ୍ୱରରୁ ବାସୁଦେବପୁରକୁ ସଂଯୋଗ କରିଥିବା ସଲ୍ଟରୋଡର ଜାଗେଶ୍ୱରପଦା ଛକଠାରେ ପୋଲିସ୍ ଏକ କାର୍‌ରୁ ୧ କିଲୋର ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

ସୋର ଅଞ୍ଚଳର ବାସୁଦେଇପୁର ଗ୍ରାମର ଶ୍ରୀକାନ୍ତ ଜେନା (୩୪ ) ଓ ତାଙ୍କ ଭାଇ ଶଶିକାନ୍ତ ଜେନା(୩୦) କାର୍ ଯୋଗେ ବାଲେଶ୍ୱରରୁ ସୋର ଅଞ୍ଚଳକୁ ସଲ୍ଟ ରୋଡ୍ ଦେଇ ଗଞ୍ଜେଇ ଧରି ଆସୁଥିବା ବେଳେ ଗୋପାଳପୁର ଫାଣ୍ଡି ଅଧିକାରୀ କ୍ରିଷ୍ଣା ପିଙ୍ଗୁଆଙ୍କ ନେତୃତ୍ୱରେ ପୋଲିସ ଜାଗେଶ୍ୱରପଦାଠାରେ କାର୍‌କୁ ଅଟକାଇବାରୁ କାର୍‌ରେ ବସିଥିବା ଦୁଇ ଭାଇ ଗାଡି ଛାଡି ବିଲ ଭିତରକୁ ଦୌଡିଥିଲେ। ତେବେ ପୋଲିସ୍ ଦୌଡି ଦୁଇ ଭାଇଙ୍କୁ ଧରିବା ପରେ କାର୍ ଭିତରୁ ୧ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏହାସହିତ ଗଞ୍ଜେଇ ଚାଲାଣ ହେଉଥିବା କାର୍‌କୁ ପୋଲିସ୍ ଜବତ କରିଛି । ଏନେଇ ଖନ୍ତାପଡା ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଦୁଇ ଭାଇଙ୍କୁ କୋର୍ଟଚାଲାଣ କରାଯାଇଛି।

# ୯ ଦିନ ଧରି ସମବାୟ ସମିତିରେ ତାଲା

**ପଦ୍ମପୁର, ୧୧।୧୨(ଡି.ଏନ.ଏ.)**

### ୧୩ରୁ ବାଲେଶ୍ୱର-ଭଦ୍ରକର ୨୨୭ ସମିତି କର୍ମଚାରୀ ଦେବେ ଧାରଣା

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୫ ସେବା ସମବାୟ ସମିତିରେ ଚାଷୀମାନଙ୍କ ଧାନ କିଣା ପାଇଁ ଅନ୍‌ଲାଇନ ପଞ୍ଜୀକରଣରେ ତ୍ରୁଟିକୁ ନେଇ ଚୁଡ଼ାମଣି ସେବା ସମବାୟ ସମିତିର ସମ୍ପାଦକଙ୍କୁ ନିଲମ୍ବନ ସହ ୫ ସମିତିର ଡାଟାଏଣ୍ଟ୍ରି ଅପରେଟରଙ୍କୁ ବହିଷ୍କାର କରାଯାଇଛି। ସମ୍ପୃକ୍ତ ସମିତିର ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହାକୁ ଅଗଣତାନ୍ତ୍ରିକ ଓ ଏକପାଖିଆ ବୋଲି ଦର୍ଶାଇ କର୍ମଚାରୀମାନେ ପୁନଃ ବିଚାର ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିବା ସହ କଳାବ୍ୟାଜ୍ ପିନ୍ଧି କାମ କରୁଥିଲେ। ହେଲେ ବିଭାଗୀୟ ଅଧିକାରୀ କୌଣସି ସମାଧାନ ନ କରିବାରୁ ବାସୁଦେବପୁର ବ୍ଲକର ୨୨ ଓ ତିହିଡ଼ିର ୧୬ ସମିତିର ୨ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଗତ ଶୁକ୍ରବାରଠାରୁ ଭଦ୍ରକ ବାଇପାସ୍ ସ୍ଥିତ ଏଆର୍‌ସିଏସ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ୯ଦିନ ବିତିଥିଲେ ମଧ୍ୟ ସମାଧାନର ସୂତ୍ର ବାହାରିପାରି ନାହିଁ। ଫଳରେ ସମିତିଗୁଡ଼ିକରେ ତାଲା ଝୁଲୁଛି।

ଶୁକ୍ରବାର ଜିଲାପାଳ ତ୍ରିଲୋଚନ ମାଝି ଧାରଣାରତ କର୍ମଚାରୀମାନଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ସେମାନେ ପଞ୍ଜୀକରଣରେ ବାଦ୍ ପଡ଼ିଥିବା ଚାଷୀମାନଙ୍କର ପୁନଃ ପଞ୍ଜୀକରଣ ପାଇଁ ସୁଯୋଗ, ବହିଷ୍କୃତ ଓ ନିଲମ୍ବିତ କର୍ମଚାରୀମାନଙ୍କର ପୁନଃ ନିଯୁକ୍ତି, ସମବାୟ ବ୍ୟାଙ୍କର ଅଧିକାରୀ ଓ ସମିତିର କର୍ମକର୍ତ୍ତାଙ୍କୁ ନେଇ ସହମତି ଭିତ୍ତିରେ ଦ୍ୱିପାକ୍ଷିକ ରାଜିନାମାକୁ କାର୍ଯ୍ୟକାରୀ ପ୍ରମୁଖ ଦାବିକୁ ନେଇ ଅଡ଼ି ବସିଛନ୍ତି। ଆସନ୍ତା ସୋମବାର ସୁଦ୍ଧା ଏହି ଦାବି ପୂରଣ ନ ହେଲେ ବାଲେଶ୍ୱର-ଭଦ୍ରକ ଜିଲାର ୨୨୭ ସେବା ସମବାୟ ସମିତିର କର୍ମଚାରୀ ସମୂହ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସଂଘର ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ଅରୁଣଜୟ ପାତ୍ର, ବାସୁଦେବପୁର ସଂଘର ସଭାପତି ବନମାଳି ମହାକୁଡ଼, ସମ୍ପାଦକ ଅନିରୁଦ୍ଧ ନାୟକ ପ୍ରମୁଖ ଏ ସମ୍ପର୍କରେ ଜଣାଇଛନ୍ତି।

## ସଂକ୍ଷେପରେ

### ଗୁଳିଗାଡ଼ରେ ଯୁବକ ଗୁରୁତର ଘଟଣା, ୩ ଗିରଫ

**ବାଲେଶ୍ୱର ଅଫିସ, ୧୧।୧୨:** ବାଲେଶ୍ୱର ଜିଲା ସଦର ଥାନା ଅଧୀନ ହଳଦୀପଦା ଫାଣ୍ଡି ଅଧୀନ ଓଲନ୍ଦା ସାରଗାଁ ପଞ୍ଚାୟତ ଝିଙ୍କିରିଆ ଗ୍ରାମରେ ହୋଇଥିବା ଗୁଳିକାଣ୍ଡରେ ଉକ୍ତ ଗ୍ରାମର ପ୍ରିୟକାନ୍ତ ନାୟକ ଗୁରୁତର ହୋଇଥିଲେ। ଏନେଇ ତାଙ୍କ ମା' ମାଳତୀ ନାୟକଙ୍କ ଅଭିଯୋଗକ୍ରମେ ସଦର ଥାନାରେ ମାମଲା (ନଂ. ୩୮୫/୨୧) ରୁଜୁ କରାଯାଇଛି। ପୋଲିସ ୩ଅଭିଯୁକ୍ତ ସାହାର୍ଦ୍ଧା ଅଞ୍ଚଳର ଅଶୋକ ଦାସ (୨୨) ଓ ବିଦ୍ୟାଧର ଦାସ (୨୪) ଏବଂ ଝିଙ୍କିରିଆ ରଣଜିତ୍ କୁମାର ଜେନା(୨୫)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ ପ୍ରକାଶ କରିଛି।

### ବିଲ ମଝିରୁ ବୃଦ୍ଧାଙ୍କ ମୃତଦେହ ମିଳିଲା

**କପ୍ତିପଦା,୧୧।୧୨ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା-ଔପଦା ମୁଖ୍ୟ ରାସ୍ତାର ସୋଲଗଡ଼ିଆ ଗ୍ରାମ ନିକଟସ୍ଥ ବିଲରୁ ଜଣେ ବୃଦ୍ଧାଙ୍କ ମୃତଦେହକୁ ଜବତ କରାଯାଇଛି। ମୃତା ହେଲେ ମାଙ୍କଡ଼ପଡ଼ା ପଞ୍ଚାୟତ ପରାଶିବାଡ଼ି ଗ୍ରାମର ଲକ୍ଷ୍ମୀ ଶଙ୍ଖୁଆଳ। ସ୍ୱାମୀ ଏବଂ ପୁଅ ନ ଥିବାରୁ ଝିଅ ଘର ମଝିଗଡ଼ିଆ ଗ୍ରାମରେ ସେ ରହୁଥିଲେ। ୧୨ଦିନ ପୂର୍ବରୁ ଲକ୍ଷ୍ମୀ ଚାଉଳ ଏବଂ ଭତ୍ତା ଟଙ୍କା ଉଠାଇବା ପାଇଁ ନିଜ ଘରକୁ ଆସିଥିଲା । ମାତ୍ର ଲକ୍ଷ୍ମୀ ଘରେ ପହଞ୍ଚି ନଥିବାର ଝିଅ ଜ୍ୱାଇଁ ଜାଣିବା ପରେ ଖୋଜାଖୋଜି କରିଥିଲେ। ଶନିବାର ସୋଲଗଡ଼ିଆ ଗ୍ରାମର କିଛି ଲୋକେ ବିଲକୁ ଧାନ କାଟିବାକୁ ଯାଇଥିବାବେଳେ ବିଲ ମଧ୍ୟରେ ଏକ ଗଳିତ ଶବ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଖବର ପାଇ ଜ୍ୱାଇଁ ଲକ୍ଷ୍ମୀଧର ବିଶ୍ୱାଳ ପହଞ୍ଚି ଶାଶୁଙ୍କ ମୃତଦେହକୁ ଚିହ୍ନଟ କରି ଥାନାକୁ ଖବର ଦେଇଥିଲେ। କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଏକ ଅପମୃତ୍ୟୁ ମାମଲା (ନଂ.୪୧/୨୧)ରୁଜୁ କରିଛି।

### ଖଇରାରେ ଖୋଲିଲା ଅବକାରୀ ଥାନା

**ଖଇରା, ୧୧।୧୨ (ଡି.ଏନ.ଏ.):** ବହୁ ଦାବି ପରେ ଖଇରାବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି । ସୋର-କୁପାରୀ ରାସ୍ତାର ଖଇରାଠାରୁ ଅନତି ଦୂର ଅର୍ଜୁନପୁର ଛକର ଏକ ଭଡା ଘରେ ଗୁରୁବାରଠାରୁ ଆନୁଷ୍ଠାନିକ ଭାବେ ଅବକାରୀ ଥାନା କାର୍ଯ୍ୟାଳୟ ଆରମ୍ଭ ହୋଇଛି। ଅବକାରୀ ବିଭାଗ ଅଧୀକ୍ଷକ ଅଶୋକ ଶତପଥି, ସହକାରୀ ଅଧୀକ୍ଷକ ସୁଶାନ୍ତ ପାଢୀ, ଆଇଆଇସି ନାରାୟଣ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଅଧିକାରିଣୀ କଳ୍ପନା ଜେନା, ଏସ୍ଆଇ ମୀନତି ଜେନା ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ।

### ଔଷଧୀୟ ବୃକ୍ଷର ସଂରକ୍ଷଣ ପାଇଁ ତାଲିମ

**କେନ୍ଦୁଝର, ୧୧।୧୨ (ସ୍ୱ.ପ୍ର./ଡି.ଏନ.ଏ.):** ଆମ ଚିରାଚରିତ ଚେରମୂଳି ଔଷଧ ଗୁଡିକର ପୁନଃ ଉଦ୍ଧାର, ଦେଶୀ ଚିକିତ୍ସା ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ଏବଂ ଲୋପ ପାଇ ଯାଉଥିବା ବୃକ୍ଷର ସଂରକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ କେନ୍ଦୁଝର ସଂସ୍କୃତି ଭବନଠାରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବନୀକରଣରେ ଔଷଧୀୟ ବୃକ୍ଷକୁ ସାମିଲ କରାଯିବ କହିଥିଲେ। ଜିଲାରେ ଥିବା ନର୍ସରୀରେ ଡିଏମ୍‌ଫ, ଓମ୍ପାଡସି ଏବଂ କାମ୍ପା ଫଣ୍ଡରେ ଔଷଧୀୟ ବୃକ୍ଷ ଚାରା ସୃଷ୍ଟି କରିବାକୁ ବନ ବିଭାଗ ପଦକ୍ଷେପ ନେଉଛି ବୋଲି କହିଥିଲେ। କେନ୍ଦୁଝର ଅତିରିକ୍ତ ବନ ସଂରକ୍ଷକ ଘନଶ୍ୟାମ ମହାନ୍ତ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଷଲ। କାର୍ଯ୍ୟକ୍ରମରେ ରାଜ୍ୟ ବୈଦ୍ୟ ମହାସଂଘର ସଭାପତି ବୈଦ୍ୟ ବିଷାରଦ ହରେକୃଷ୍ଣ ମହାନ୍ତ, ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପୁରୀର ଡକ୍ଟର ସୁବ୍ରତ କୁମାର ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କଠାରୁ ମୋବାଇଲ ଲୁଟ୍

**ଭଦ୍ରକ ଅଫିସ, ୧୧।୧୨:** ଭଦ୍ରକ ପୁରୁଣାବଜାର ଅଞ୍ଚଳରୁ ଶନିବାର ଦିନ ଦ୍ୱିପ୍ରହରରେ ଜଣେ କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ହୋଇଛି। ପୁରୁଣାବଜାର ଥାନା ପୋଲିସ ଘଟଣାର ଅନୁସନ୍ଧାନ କରୁଛି। ସୂଚନା ଅନୁଯାୟୀ, ୨ ଜଣ ଦୁର୍ବୃତ୍ତ ସ୍କୁଟିରେ ଆସି ଏହି ଥାନା ଅଧୀନ ବାଲିପାଟଣା ଛକରୁ ଦୁଇଜଣ କଲେଜ ଛାତ୍ରୀଙ୍କୁ ପିଛା କରି ମୋବାଇଲ ଲୁଟି ନେଇ ପଳାଇଥିଲେ। ଛାତ୍ରୀମାନେ ପିଛା କରିଥିଲେ ମଧ ସେମାନଙ୍କୁ ଧରିପାରି ନ ଥିଲେ। ଲୁଟେରା ମୋବାଇଲ ଝାମ୍ପି ନେବା ସମୟରେ ସାଇକେଲରୁ ପଡ଼ି ଜଣେ ଛାତ୍ରୀ ଆହତ ହୋଇଛନ୍ତି।

### ୧୮ ଶିକ୍ଷାନୁଷ୍ଠାନ ରୂପାନ୍ତରଣ ଭିଡିଓ କନଫରେନ୍ସରେ କଥା ହେଲେ ୫-ଟି ସଚିବ

**ବାସୁଦେବପୁର, ୧୧।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଓ ପୌରପାଳିକା ଅଞ୍ଚଳର ୧୮ ଶିକ୍ଷାନୁଷ୍ଠାନକୁ ୫-ଟିରେ ରୂପାନ୍ତରଣ କରାଯାଇଛି। ଏହି ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲକ ଅଞ୍ଚଳର ୧୬ ହାଇସ୍କୁଲ, ଇରମରେ ନିର୍ମିତ ଆଦର୍ଶ ବିଦ୍ୟାଳୟ ଓ ସହରାଞ୍ଚଳର ଗୋଟିଏ ଶିକ୍ଷାନୁଷ୍ଠାନକୁ ରୂପାନ୍ତରଣ କରାଯାଇଛି। ଶନିବାର ବ୍ଲକ କନ୍‌ଫରେନ୍ସ ହଲ୍‌ରେ ୧୮ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବୁଦ୍ଧିଜୀବୀ, ଛାତ୍ର, ବିଡିଓ ସତ୍ୟଜିତ ରାଉତ, ପୌରନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ବିଇଓ ଜଗବନ୍ଧୁ ସାହୁ ପ୍ରମୁଖ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ସହ ଭିଡିଓ କନ୍‌ଫରେନ୍ସରେ ବାର୍ତ୍ତାଳାପ କରିଥିଲେ। ଆଗାମୀ ଦିନରେ ଏସବୁ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ଜନସାଧାରଣ ଓ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ାଯାଇଛି।

### ୫,୨୩୫ ହେକ୍ଟର ଫସଲ କ୍ଷତିଗ୍ରସ୍ତ

**ଭଣ୍ଡାରିପୋଖରୀ, ୧୧।୧୨ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ୨୩ ପଞ୍ଚାୟତରେ ଜୱାଦ ପ୍ରଭାବରେ ବର୍ଷା ଯୋଗୁ ମୋଟ ୫,୨୩୫ ହେକ୍ଟର ଜମିରେ ଧାନ ଓ ଅଣଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ରାଜସ୍ୱ ଓ କୃଷି ବିଭାଗ ମିଳିତ ଅନୁଧ୍ୟାନରୁ ଜଣାଯାଇଛି ଯେ, ପ୍ରଭାବିତ ଫସଲ ମଧ୍ୟରୁ ଖରିଫ ଧାନ ୫,୧୫୬ ହେକ୍ଟର, ୭୯ ହେକ୍ଟର ରବି ଓ ପନିପରିବା ଚାଷ। ଦକ୍ଷିଣବାଡ଼ ପଞ୍ଚାୟତରେ ୧୬୦ ହେକ୍ଟର, ମାଳଦାରେ ୨୬୫, ରହଣିଆରେ ୩୭୨, ପାଟୁଲିରେ ୮୬, ନଗୁଁଆରେ ୨୩୯, ନିର୍ଗୁଣ୍ଡିରେ ୩୮୩, ନେରଡ଼ାରେ ୩୨୮, ରାମଚନ୍ଦ୍ରପୁରରେ ୨୮୮, ରାଜେନ୍ଦ୍ରପୁରରେ ୪୨୫, ବନ୍ଦାଳ ମଡ଼ିଆଳିରେ ୧୫୮, ନାଁଆମୀରେ ୨୩୦, କୁରିଗାଁରେ ୩୫୯, ସାନଶାସନରେ ୨୭୨, ଝୁଟଣାରେ ୮୯, ତେସିଙ୍ଗାରେ ୧୬୯, ବଇଆଁବନାପୁରରେ ୧୪୦, ବିଷ୍ଣୁପୁରରେ ୫୪, ଜଳମଣ୍ଡୁଆରେ ୨୫, ବାଲିପୋଖରୀରେ ୪୪୧, ଷୋଳମପୁରରେ ୪୧୦, ସରସଦାରେ ୨୦୭, ନପଙ୍ଗରେ ୨୫ ଓ ରଣଜିତ ପଞ୍ଚାୟତରେ ୩୧ ହେକ୍ଟର ଧାନ ଚାଷ ପ୍ରଭାବିତ ହୋଇଛି। ସେହିପରି ସରସଦାରେ ୭ ହେକ୍ଟର, କୁରିଗାଁରେ ୩୧, ନିର୍ଗୁଣ୍ଡିରେ ୧୧, ନଗୁଁଆରେ ୬, ଷୋଳମପୁରରେ ୭ ଓ ବାଲିପୋଖରୀ ପଞ୍ଚାୟତରେ ୧୦ ହେକ୍ଟର ଅଣଧାନ ଚାଷ ପ୍ରଭାବିତ ହୋଇଥିବା ବିବରଣୀ ପ୍ରସ୍ତୁତ ହୋଇଛି।

### ବିଜେଡିର ସାଙ୍ଗଠନିକ ବୈଠକ

**ଭଣ୍ଡାରିପୋଖରୀ, ୧୧।୧୨ (ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନ ପାଇଁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଜେଡି ପକ୍ଷରୁ ଘନ ଘନ ଦଳୀୟ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଉଛି। ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି ସମ୍ପାଦକ ପ୍ରୟାସକାନ୍ତି ସାମଲଙ୍କ ଉପସ୍ଥିତିରେ ବିଭିନ୍ନ ସାଙ୍ଗଠନିକ ଆଲୋଚନା ସହ ପ୍ରାର୍ଥୀଙ୍କ ନାମ ଘୋଷଣା ହେଉଛି। ଏହି ପରିପ୍ରେକ୍ଷୀରେ ଶନିବାର କଲ୍ୟାଣ ମଣ୍ଡପଠାରେ ବାଲିପୋଖରୀ ପଞ୍ଚାୟତ ପକ୍ଷରୁ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରୟାସକାନ୍ତି ଯୋଗଦେଇ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ବାଲିପୋଖରୀ ପଞ୍ଚାୟତ ପାଇଁ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ସାମାଜିକ କର୍ମୀ ବିଭୂଚରଣ ଦାସଙ୍କ ନାମ ସେ ଘୋଷଣା କରିଛନ୍ତି। ଜିଲା ବିଜେଡି ସମ୍ପାଦକ ପର୍ଶୁରାମ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ପଞ୍ଚାୟତ ଯୁବ ସଭାପତି ବିଶ୍ୱଜିତ ଜେନା, ସନ୍ତୋଷ ଦାସ, ବିଭୁଦତ୍ତ ବାରିକ, ଦେବୀପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଏଟିଏମ୍‌ରୁ ଟଙ୍କା କାଢିବାକୁ ଯାଇ କଲେଜ ଅଧ୍ୟକ୍ଷଙ୍କ ଗୋଡ଼ ଭାଙ୍ଗିଲା

**ଜଳେଶ୍ୱର, ୧୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶାଳିକୋଠାସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁଙ୍କ ବାମଗୋଡ଼ ଭାଙ୍ଗି ଦୁଇଗଡ ହୋଇଯାଇଛି । ଆରୁହା ଓ ଶାଳିକୋଠା ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କର ଏଟିଏମ୍ ନିକଟରେ ଥିବା ଗଡାଣି ରାସ୍ତା (ରାମ୍ପ) ଓ ପାହାଚ ଠିକ୍ ଭାବେ ନିର୍ମାଣ ହୋଇ ନ ଥିବାରୁ ଡ. ସାହୁ ସେହି ଏଟିଏମ୍‌ରୁ ଟଙ୍କା ବାହାର କରି ଫେରୁଥିବା ବେଳେ ଆହତ ହୋଇଛନ୍ତି। ସେ ଏବେ ବାଲେଶ୍ୱରରେ ଚିକିତ୍ସାଧୀନ ।

